# Akashvani, Sambalpur

## SAMBALPURI NEWS BULLETIN

### 11 May 2024- 6.47- 6.52 am.

**********************************************

ପ୍ରଧାନ୍‌ମନ୍ତ୍ରୀଙ୍କ ଗସ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପିର୍ ବରିଷ୍ଠ୍ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଓଡ଼ିଶାର୍ ଫୁଲ୍‌ବାଣୀ, ବଲାଙ୍ଗିର୍ ଆର୍ ବର୍‌ଗଡ୍ ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ନିର୍ବାଚନ୍ ପ୍ରଚାର୍ କର୍‌ବେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସଖାଲର୍ ୯ ବଜେ ଫୁଲ୍‌ବାଣୀ ଷ୍ଟାଡ଼ିୟମ୍ ନ ନିର୍ବାଚନୀ ସଭା କଲା ଉତ୍‌ରୁ ଦିନର୍ ୧୧ ବଜେ ବଲାଙ୍ଗିରର୍ ପଥର୍‌ଚେପା ପଡ଼ିଆ ନ ଗୁଟେ ପ୍ରଚାର୍ ସଭାଥି ଯୋଗ୍ ଦେବେ । ସେନ୍ତା ମଏଧାନ୍‌ର ୧୨ ବଜେ ବର୍‌ଗଡ୍‌ର ବିକାଶ୍ ଭିନ୍‌ଟେଜ୍ ଠାନେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ନିର୍ବାଚନୀ ସଭା ହେବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତର୍ ଲାଗି ଇ ସବୁ ଜାଗା ମାନ୍‌କେ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷ୍‌ନା କରାଯିବାର୍ ସଙ୍ଗେ କଡ଼ା ସୁରକ୍ଷା ବନ୍ଦୋବସ୍ତ୍ କରାଯାଇଛେ ।

ଆମର୍ ବର୍‌ଗଡ୍ ସମ୍ବାଦଦାତାଙ୍କର୍ ସୂଚ୍‌ନା ଅନ୍‌ସାରେ ବର୍‌ଗଡ୍ ନ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସଭାର୍ ଲାଗି କଡ଼ା ସୁରକ୍ଷା ବନ୍ଦୋବସ୍ତ୍ ହେଇଛେ । ୫ ଝନ୍ ଏସ୍.ପି. ଆର୍ ୪ ଝନ୍ ଅତିରିକ୍ତ

ଏସ୍.ପି.ଙ୍କର୍ ସହେତେ ୨ ଶହ ନୁ ଅଏତ୍କା ପୁଲିସ୍ ଅଧିକାରୀ, ୨୫ ପ୍ଲାଟୁନ୍ ଫୋର୍ସ ଆର୍ ୪ ଶହ ଝନ୍ ହୋମ୍‌ଗାର୍ଡ଼୍‌ଙ୍କୁ ସୁରକ୍ଷା ବନ୍ଦୋବସ୍ତ୍‌ଥି ନିୟୋଜିତ୍ କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଗଲାକାଏଲ୍ ରାତି ୨ ଦିନିଆ ଓଡ଼ିଶା ଗସ୍ତ ନ ଆସିକରି ଭୁବ୍‌ନେଶ୍ୱର୍ ପୁହୁଁଚିଥିଲେ । ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍‌ନୁ ପ୍ରଧାନ୍‌ମନ୍ତ୍ରୀ ସିଧା ବିଜେପି ରାଜ୍ୟ କାର୍ଯ୍ୟାଳୟକେ ଯାଇକରି ସେନୁ ବାଣୀବିହାର୍ ଛକ୍‌ତକ୍ ରୋଡ଼୍ ଶୋ କରିଥିଲେ । ରୋଡ଼୍ ସୋ ବେଲେ ପ୍ରଧାନ୍‌ମନ୍ତ୍ରୀଙ୍କୁ ଦେଖିବାର୍ ଲାଗି ଲୁକ୍‌କର୍ ଖୋବ୍ ଭିଡ଼୍ ହେଇଥିଲା ।

ଲୋକ୍‌ସଭା ନିର୍ବାଚନ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶର୍ ୪ ନମ୍ବର୍ ଖେପ୍ ନିର୍ବାଚନ୍‌ର ଭୋଟ୍ ଆଏବା ୧୩ ତାରିଖ୍ ଦିନ ହେବା । ଇଥି ଓଡ଼ିଶା ନ ପହେଲା ଖେପେ କଳାହାଣ୍ଡି, ବ୍ରହ୍ମପୁର୍, ନବରଙ୍ଗ୍‌ପୁର୍ ଆର୍ କୋରାପୁଟ୍ ଲୋକ୍‌ସଭା ଆସନ୍ ଆଉ ହେତାର୍ ଅଧୀନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ହେଥିର୍‌ଲାଗି ଆଏଜ୍ ଉପର୍‌ବେଲାନୁ ପ୍ରଚାର୍ କାମ୍ ଶେଷ୍ ହେବା ।

ସେଆଡ଼େ ଦେଶର୍ ୫ ନମ୍ବର୍ ଖେପ୍ ଆର୍ ଓଡ଼ିଶାର୍ ୨ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ବୈଧ ପ୍ରାର୍ଥୀ ତାଲିକା ବାହାରିଛେ । ଇ ଖେପେ ରାଜ୍ୟର୍ ବର୍ଗଡ଼୍, ସୁନ୍ଦର୍ଗଡ଼୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ଲୋକ୍ସଭା ଆସନ୍ ସଙ୍ଗେ ହେତାର୍ ଅଧୀନ୍ଥି ଥିବା ୩୫ ଟା ବିଧାନ୍ସଭା ଆସନ୍ର ନିର୍ବାଚନ୍ ହେବା । ଇଥି ଲୋକ୍ସଭା ଆସନ୍ଥି ୪୦ ଝନ୍ ଆଉ ବିଧାନ୍ସଭା ଆସନ୍ ଲାଗି ୨ ଶହ ୬୫ ଝନ୍ ପ୍ରାର୍ଥୀ ରହିଛନ୍ ।

ରାଷ୍ଟ୍ରୀୟ ଲୋକ୍ଅଦାଲତ୍        ଆର୍ଏନ୍ୟୁ/ କଟକ୍

ଇ ବଛରର୍ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ଆଏଜ୍ ହେବା । ଓଡ଼ିଶା ହାଇକୋର୍ଟ ସହେତେ ରାଏଜେ ଥିବା ଭିନ୍ ଭିନ୍ ଅଦାଲତ୍ ମାନ୍କେ ଆପୋଷ ବୁଝାମଣା ଜରିଏ ମାମ୍ଲାମାନ୍କର୍ ସମାଧାନ୍ କରାଯିବା । ରାଜ୍ୟ ଆଇନ୍ସେବା ପ୍ରାଧିକରଣ୍ ତର୍ଫୁ ମିଲିଥିବା ସୂଚ୍ନା ଅନ୍ସାରେ ଓଡ଼ିଶା ହାଇକୋର୍ଟ ସହେତେ ଭିନ୍ ଭିନ୍ ଅଦାଲତ୍ ମାନ୍କେ ପାଖାପାଖି ଦେଢ଼୍ ଲାଖ୍ ନୁ ଅଏତ୍କା ମାମ୍ଲା ଲୋକ୍ ଅଦାଲତ୍ଥି ଶୁଣାଣି ଲାଗି ତାଲିକାଭୁକ୍ତ କରାଯାଇଛେ । ସବୁ ଅଦାଲତ୍ ନ ମାମ୍ଲାମାନ୍କର୍ ସିଧାସଲଖ୍

ଶୁଣାଣି କରାଯିବା । ହାଇକୋର୍ଟ ନ ୭ ଝନ୍ ବିଚାର୍‌ପତି ଭିନ୍ ଭିନ୍ ମାମ୍‌ଲାର୍ ଶୁଣାଣି କର୍‌ବେ ।

ୟୁଜିସି ନେଟ୍        ଆର୍‌ଏନ୍‌ୟୁ /  ସମ୍ବଲପୁର

ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି- ଏନ୍‌ଟିଏ ତର୍‌ଫୁ ୟୁଜିସି ନେଟ୍ ପରୀକ୍ଷାର୍ ଲାଗି ଆବେଦନ୍ ସମିଆକେ ବଢ଼ାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଘର୍ ସୂଚୀଥି ଗଲାକାଏଲ୍ ଆବେଦନ୍‌ର ଶେଷ୍ ତାରିଖ୍ ଥିଲା । ହେଲେ ଇ ଆବେଦନ୍ ସମିଆକେ ଆଏବା ୧୭ ତାରିଖ୍‌ତକ୍ ବଢ଼ାଯାଇଛେ । ଛାତ୍ରଛାତ୍ରୀମାନେ ୧୭ ତାରିଖ୍‌ତକ୍ ଅନ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ ଆଉ ପରୀକ୍ଷା ଫି ଜମା କରିପାର୍‌ବେ । ଆବେଦନ୍‌ଥି କେହେନି ଭୁଲ୍ ଥିଲେ ୧୮ ନୁ ୨୦ ତାରିଖ୍ ଭିତ୍‌ରେ ତାର୍ ସଂଶୋଧନ୍ କରାଯାଇପାର୍‌ବା । ଆଏବା ମାସର୍ ୧୮ ତାରିଖ୍ ଦିନ ପରୀକ୍ଷା ହେବା ।

ଦୁର୍ଘଟଣା       ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର-ସମ୍ବଲ୍‌ପୁର୍ ରାସ୍ତାର୍ ଢୁଢୁପାଲି ଠାନେ ଗଲାକାଏଲ୍ ୨ ଟା ଯାତ୍ରୀବାହୀ ବସ୍‌ର ମୁହାଁମୁହିଁ ଧକ୍କା ହେବାର୍‌ନୁ ଗୁଟେ

ବସ୍‌ର ଡ୍ରାଇଭର୍‌ଙ୍କର୍ ଜୀବନ୍ ଯାଇଥିବାର୍ ବେଲେ ୨୦ ନୁ ଅଏତ୍‌କା ଝନ୍ ଆହତ୍ ହେଇଛନ୍ । ସେମାନ୍‌କୁ ସୁବର୍ଣ୍ଣପୁର୍ ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ନ ଭର୍ତି କରାଯାଇଛେ । ଆରବସ୍‌ର ଡ୍ରାଇଭର୍‌ଙ୍କୁ ପ୍ରାଥମିକ ଚିକିତ୍ସା ଉତ୍‌ରୁ ବୁର୍ଲା ଡାକ୍ତର୍‌ଖାନାଥି ଭର୍ତି କରାଯାଇଛେ ।

ଯୁକ୍ତ ତିନ୍ ୬ ନମ୍ବର୍ ସେମିଷ୍ଟାର ରିଜଲ୍ଟ

ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର ବିଶ୍ୱବିଦ୍ୟାଲୟର୍ ଇ ବଛ୍‌ରର୍ ଯୁକ୍ତ ତିନ୍ ୬ ନମ୍ବର୍ ସେମିଷ୍ଟାର୍‌ର ପରୀକ୍ଷାଫଲ୍ ବାହାରିଛେ । ପରୀକ୍ଷା ସର୍‌ବାର୍ ୨୪ ଦିନ୍ ଭିତ୍‌ରେ ପରୀକ୍ଷା ଫଲ୍ ବାହାରିଛେ । ସୂଚ୍‌ନା ଅନ୍‌ସାରେ ବିଶ୍ୱବିଦ୍ୟାଲୟ ଅଧୀନ୍‌ଥି ପଶ୍ଚିମ ଓଡ଼ିଶାର୍ ୧୦ ଟା ଜିଲ୍ଲାର୍ ୨ ଶହ ଟା କଲେଜ୍‌ର ୨୦ ହଜାର୍ ଶହେ ୬୧ ଝନ୍ ଛାତ୍ରଛାତ୍ରୀ ଯୁକ୍ତ ତିନ୍ ୬ ନମ୍ବର୍ ସେମିଷ୍ଟାର୍ ପରୀକ୍ଷା ଦେଇଥିଲେ । ପରୀକ୍ଷା ଗଲାମାସର୍ ୧୬ ତାରିଖ୍ ଦିନ ସରିଥିଲା । କଳା ସମ୍ମାନ୍ ବିଭାଗ୍‌ଥି ୧୩ ହଜାର୍ ଶହେ ୨୪ ଝନ୍ ପରୀକ୍ଷା ଦେଇଥିବାର୍ ବେଲେ ସେମାନ୍‌କର୍ ଭିତ୍‌ରୁ ୧୧ ହଜାର୍ ୬ ଶହ ୭୫ ଝନ୍ ପାସ୍ କରିଛନ୍ ଆଉ ୬ ହଜାର୍ ୩ ଶହ ୬୪ ଝନ୍ ପ୍ରଥମ ଶ୍ରେଣୀ

ପାଇଛନ୍ । ବିଜ୍ଞାନ୍ ସମ୍ମାନ୍ ଶ୍ରେଣୀଥି ୪ ହଜାର୍ ୨ ଶହ ୯୪ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାର୍ ବେଲେ ୩ ହଜାର୍ ୮ ଶହ ୮୭ ଝନ୍ ପାସ୍ କରିଛନ୍ ଆଉ ୨ ହଜାର୍ ୫ ଶହ ୪୨ ଝନ୍ ପ୍ରଥମ ଶ୍ରେଣୀ ପାଇଛନ୍ । ସେନ୍ତା ବାଣିଜ୍ୟ ସମ୍ମାନ୍ ଶ୍ରେଣୀଥି ୨ ହଜାର୍ ୫ ଶହ ୮୪ ଝନ୍ ପରୀକ୍ଷା ଦେଇଥିବାର୍ ବେଲେ ୨ ହଜାର୍ ୪୫ ଝନ୍ ପାସ୍ କରିଛନ୍ ଆଉ ୭ ଶହ ୮୧ ଝନ୍ ପ୍ରଥମ ଶ୍ରେଣୀ ପାଇଛନ୍ ।

ସୁବର୍ଣ୍ଣପୁର୍-ଖର୍ଚ୍ଚ ପରିଚାଲନା ସମୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ନ ବଲାଙ୍ଗିର୍ ଲୋକ୍‌ସଭା ଆସନ୍ ଆର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଆର୍ ସୋନ୍‌ପୁର୍ ବିଧାନ୍‌ସଭା ଆସନ୍‌ର ନିର୍ବାଚନ୍ ଖର୍ଚ୍ଚ ପରିଚାଲନା ସମୀକ୍ଷା ବୈଠକ୍ ହେଇଯାଇଛେ । ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ ବି. ସ୍ୱପ୍ନିଲ୍ ଶରଦ୍‌ଙ୍କର୍ ଉପସ୍ଥିତିଥି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ହେଇଥିବା ବୈଠକ୍‌ଥି ପ୍ରାର୍ଥୀମାନ୍‌କର୍ ଖର୍ଚ୍ଚର୍ ହିସାବ୍ ଠିକ୍ ଭାବେ ପରିଚାଲନା ଉପ୍‌ରେ ଜୋର୍ ଦିଆଯାଇଥିଲା । ଇତାର୍‌ସହେତେ ଭୋଟ୍ ଯେନ୍ତା ଶାନ୍ତିଶୃଙ୍ଖଲାଥି ହେଇପାର୍‌ବା ସେଥିର୍‌ଲାଗି ସଭେ ଯତନ୍

କର୍‌ବାର୍‌କେ ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ ଶ୍ରୀ ଶରଦ୍ ପରାମର୍ଶ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜର୍ ଭିନ୍ ଭିନ୍ ଜାଗା ନ ଆଏବା ହପ୍ତେତକ୍ କାଲ୍‌ବୈଶାଖୀ ବର୍ଷା ହେବା ଆର୍ ହେତାର୍ ପ୍ରଭାବ୍‌ଥି ତାତି ଟିକେ କମ୍‌ବା ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ଅନୁମାନ୍ କରାଯାଇଛେ । ହେଲେ ସୂଚ୍‌ନା ଅନ୍‌ସାରେ ଆଏବା ୧୭ ତାରିଖ୍‌ନୁ ଫେର୍ ତାତି ବଢ଼୍‌ବା ଆଉ ୨୩ ତାରିଖ୍‌ତକ୍ ଜବର୍ ଗ୍ରୀଷ୍ମପ୍ରବାହ ହେବା ।